# ଦମୟନ୍ତୀ ବେଶ୍ରା

ଜନ୍ମ: (୧୯୬୨....) ମସିହା

ଶ୍ରୀମତୀ ଦମୟନ୍ତୀ ବେଶ୍ରା ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରାଧ୍ୟାପିକା, ଗଣେ ଗବେଷିକା ଓ ଲେଖିକା ଭାବରେ ଜଣାଶୁଣା । ସାନ୍ତାଳୀ ଭାଷାରେ ବର୍ତ୍ତମାନ ସୁଦ୍ଧା ନଅଗୋଟି ପୁସ୍ତକ ପ୍ରକାଶ ପାଇଛି । ଶ୍ରୀମତୀ ବେଶ୍ରା କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତା । ତାଙ୍କର ପୁସ୍ତକ -

ଚାଇଚାମ୍ପାରୁ ଭଂଜ ଦିଶମ୍, ଦାମୋଦର ଧାରେ ଧାରେ ।

**ଚାଇଚାମ୍ପାରୁ ଭଂଜ ଦିଶମ୍** , ପୃଷ୍ଠା- ୧୧୨, ପ୍ରକାଶକାଳ- ୨୦୦୬, ମୂଲ୍ୟ: ଟ.୧୩୦/-

ସାନ୍ତାଳୀ ଭାଷାର ସାହିତ୍ୟ ପାଇଁ ପ୍ରଥମ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତା (ମହିଳା) ଡ. ଦମୟନ୍ତୀ ବେଶ୍ରାଙ୍କ ଦ୍ୱାରା ଲିଖିତ ପୁସ୍ତକ **"ଚାଇଚାମ୍ପାରୁ ଭଂଜ ଦିଶମ୍"** ଏଗାରଟି ପ୍ରବନ୍ଧର ସମାହାର । ଏହି ପ୍ରବନ୍ଧ ଗୁଡ଼ିକ ସାନ୍ତାଳ ଜନଜାତିର ସାଂସ୍କୃତିକ ପରଂପରା ଉପରେ ପର୍ଯ୍ୟବସିତ । ମୁଖ୍ୟତଃ ସାନ୍ତାଳ ମାନଙ୍କ ଲିପି ଅଲଚିକି, ଅଲଚିକିର ଉଦ୍‌ଭାବକ ପଣ୍ଡିତ ରଘୁନାଥ ମୁର୍ମୁ, ସାନ୍ତାଳ ଜନଜାତିର ପରଚୟ, ତାଙ୍କର ଧର୍ମ ଧାରଣା, ନୃତ୍ୟଗୀତି, ସାନ୍ତାଳ ଲୋକଗୀତରେ ପ୍ରେମ ଓ ମୃତ୍ୟୁ ସଂପର୍କରେ ଆଲୋକପାତ କରାଯାଇଛି ।

**ଦାମୋଦର ଧାରେ ଧାରେ,** ପୃଷ୍ଠା-୧୪୪, ପ୍ରକାଶକାଳ- ୨୦୦୯, ମୂଲ୍ୟ: ଟ.୧୩୦/-

ପୁସ୍ତକ ସାନ୍ତାଳ ସଂସ୍କୃତିର ସୂଚୀପତ୍ର ଅଟେ । ଏହି ପ୍ରବନ୍ଧ ସଙ୍କଳନରେ ୧୨ ଗୋଟି ପ୍ରବନ୍ଧ ସ୍ଥାନିତ । ମୟୂରଭଂଜର ସାନ୍ତାଳମାନଙ୍କର ସାହିତ୍ୟ-ସଂସ୍କୃତି-କଳା, ପର୍ବପର୍ବାଣୀ, ବିବାହ ସ୍ଥାନ ପାଇବା ସହିତ ସାନ୍ତାଳ ସାହିତ୍ୟରେ ଦେଶାତ୍ମବୋଧ, ଆଧ୍ୟାତ୍ମିକ ଚିନ୍ତନ, ରୋମାଣ୍ଟିକ୍ ଚେତନା ସଂପର୍କରେ ମଧ୍ୟ ଧାରଣା ଉପଲବଧ ହୋଇ ପାରିବ । ସାନ୍ତାଳ ସଂସ୍କୃତିରେ ମୂଲ୍ୟବୋଧ କିପରି ନିହିତ ତାହା ସୂଚିତ ହୋଇଛି ଏହି ପୁସ୍ତକରେ ।